## ସଂକ୍ଷେପରେ

### ବାଇକ୍-ସ୍କୁଟି ଧକ୍କା, ଜଣେ ମୃତ

ଦାରିଙ୍ଗବାଡ଼ି, ୨୪।୪(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ତିନିଛକ ନିକଟରେ ବାଇକ୍ ଓ ସ୍କୁଟି ମଧରେ ଧକ୍କା ହେବାରୁ ଜଣଙ୍କର ମୃତ ହୋଇଛି। ସେ ହେଲେ ଗ୍ରୀନବାଡ଼ି ପଞ୍ଚାୟତ ଅନ୍ତର୍ଗତ ତଗାପାଙ୍ଗା ଗ୍ରାମର ବିଶ୍ୱମ୍ବର ପ୍ରଧାନଙ୍କ ପୁଅ ବିକ୍ରମ ପ୍ରଧାନ(୩୪)। ପ୍ରକାଶ ଯେ, ବିକ୍ରମ କୌଣସି କାର୍ଯ୍ୟରେ ତିନିଛକ ଯାଇ ଚାରିଛକ ଅଭିମୁଖେ ଆସିବାକୁ ସ୍କୁଟି ବୁଲାଉଥିବା ବେଳେ ବିପରିତ ଦିଗରେ ଯାଉଥିବା ବାଇକ୍‌ଟି ସ୍କୁଟି ସହ ଧକ୍କା ହୋଇଥିଲା। ଫଳରେ ବିକ୍ରମ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ନେବା ବେଳେ ଗଞ୍ଜାମ ଜିଲା ସୋରଡ଼ା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରୁ ମୃତଦେହକୁ ଦାରିଙ୍ଗବାଡ଼ି ଫେରେଇ ଅଣାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ଅର୍ଜୁନ ଶବର କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ କେଶ୍ ନଂ.୧୦୩/୨୬ ଅଧିକା ତଦନ୍ତ ଜାରି ରହିଛି।

### ମଦଭାଟି ଉପରେ ଚଢ଼ାଉ, ୬ ଗିରଫ

ଆସିକା,୨୪।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ପୋଲିସ ପକ୍ଷରୁ ଶୁକ୍ରବାର ଗଣ୍ଡପଲ୍ଲୀ ଓ ତୁମ୍ବାଠେଙ୍ଗାପଲ୍ଲୀ ରାସ୍ତାରେ ଥିବା ବେଆଇନ ମଦଭାଟି ଉପରେ ଚଡାଉ କରାଯାଇଥିଲା। ଚଡାଉ ବେଳେ ୩ ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୧୦୦ ଲିଟର ରନ୍ଧାମଦ ଜବତ କରାଯାଇଛି। ଏଥି ସହ ବିଭିନ୍ନ ସରଞ୍ଜାମ ପୋଲିସ ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ତୁମ୍ବାଠେଙ୍ଗାପଲ୍ଲୀ ଗ୍ରାମର ଏମ. ନାରାୟଣ, ଡି. ସନ୍ତୋଷ, ଡି. ବାପି, ଏ. ମୁରଲି, ପି. ମହେଶ ଓ ଗଣ୍ଡପଲ୍ଲୀ ଗ୍ରାମର ଏ. ନରେଶ। ଏ ନେଇ ନଂ.୧୯୫/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

### ରସାୟନ ବିଜ୍ଞାନ ପ୍ରଫେସରଙ୍କ ବିୟୋଗ


ଡ. ପ୍ରଶାନ୍ତ ପ୍ରସାଦ ମିଶ୍ର

ଧରାକୋଟ,୨୪।୪
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବଡ଼ଦାଣ୍ଡ ସାହି ନିବାସୀ ରସାୟନ ବିଜ୍ଞାନ ପ୍ରଫେସର ଡ. ପ୍ରଶାନ୍ତ ପ୍ରସାଦ ମିଶ୍ର(୮୬)ଙ୍କର ପୁରୀ ଭିଆଇପି ରୋଡସ୍ଥିତ ପାର୍ବତୀ ଅନନ୍ତ ନୀଳୟରେ ଗତ ବୁଧବାର ପରଲୋକ ହୋଇଯାଇଛି। ୧୯୯୩ ଜୁଲାଇ ୧ରେ ଧରାକୋଟରେ ଜନ୍ମ ଗ୍ରହଣ କରିଥିବା ପ୍ରଫେସର ମିଶ୍ର ଅବିବାହିତ ଥିଲେ। ସେ ବହୁ ବର୍ଷ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ କଲେଜ ଏବଂ ପରେ ପୁରୀ ଏସ୍‌ସିଏସ୍ କଲେଜରେ ରସାୟନ ବିଜ୍ଞାନ ପ୍ରଫେସର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତୁରା ତଥା ଅଧାପକ ଡ. ଦିଲୀପ ମିଶ୍ର ଓ ପରିବାରର ଅନ୍ୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଗଜପତିରେ ପଣସର ଅଭାବୀ ବିକ୍ରି

ପାରଳାଖେମୁଣ୍ଡି,୨୪।୪
(ଗିରିଧାରୀ ପରିଚ୍ଛା)

■ କିଲୋ ପିଛା ୧୦ରୁ ୧୫ ଟଙ୍କାରେ ନେଉଛନ୍ତି ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗ ବ୍ୟବସାୟୀ

■ ମୋହନା, ନୂଆଗଡ଼, ଆର.ଉଦୟଗିରି, ଗୁମ୍ମା, ରାୟଗଡ଼ ବ୍ଲକରେ ହୁଏ ପଣସ ଚାଷ



ଗଜପତିରେ ଅମଳ ହେଉଥିବା ପଣସର ଚାହିଦା ଆନ୍ଧ୍ର, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ରହିଛି। ପ୍ରତେକ ବର୍ଷ ସେଠାକାର ବ୍ୟବସାୟୀ ଗଜପତିରେ ପହଞ୍ଚି ନିଜରାଜ୍ୟକୁ ପଣସ ନେଇଥାନ୍ତି। ତେବେ ଚଳିତବର୍ଷ ଗଜପତି ଜିଲାର ପଣସ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛି। ଚାଷୀ ପରିଶ୍ରମ ମୁତାବକ ପାରିଶ୍ରମିକ ପାଇପାର ନଥିବା ଦେଖିବାକୁ ମିଳୁଛି। ଜିଲାର ମୋହନା, ନୂଆଗଡ଼, ଆର.ଉଦୟଗିରି, ଗୁମ୍ମା, ରାୟଗଡ଼ ବ୍ଲକରେ ପଣସ ବହୁଳ ପରିମାଣରେ ଉତ୍ପାଦିତ ହୋଇଥାଏ। ଉଭୟ ଜଙ୍ଗଲ ଓ ଘରୋଇ ଜମିରେ ପ୍ରଚୁର ପରିମାଣରେ ପଣସ ଅମଳ ହୁଏ। ଆର. ଉଦୟଗିରି ଓ ଗୁମ୍ମା ବ୍ଲକରେ ଜିଲାର ସବୁଠାରୁ ଅଧିକ ପରିମାଣର ପଣସ ମିଳିଥାଏ। ଏବେ ଏହି ପଣସରୁ ଉଚିତ ବଜାର ମୂଲ୍ୟ ମିଳୁ ନ ଥିବାରୁ ପଣସ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ପଣସ ଚାଷୀ ଜକିଆ ରଇତ, ପୂର୍ଣ୍ଣ ଶବର, ଜିଲୁ ଗମାଙ୍ଗ ପ୍ରମୁଖ କହିଛନ୍ତି। ଗଜପତି ପଣସର ଚାହିଦା ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ରହିଥିବାରୁ ଏହି ରାଜ୍ୟର ଚାଷୀମାନେ ବହୁ ପୂର୍ବରୁ ଏଠାକୁ ଆସି ଚାଷୀଙ୍କଠାରୁ ପଣସ କିଣି ନେଇଥାନ୍ତି। ତେବେ ନିଜ ରାଜ୍ୟରେ ଏହି ପଣସକୁ ସେମାନେ ଉଚ୍ଚା ଦରରେ ବିକି ବହୁ ଲାଭ ପାଉଥିବା ବେଳେ ଏଠାରୁ ଚାଷୀଙ୍କଠାରୁ ସେମାନେ କମ ଦରରେ କିଲୋ ପିଛା ୧୦ରୁ ୧୫ ଟଙ୍କା ଦରରେ କଞ୍ଚା ପଣସ କିଣି ନେଇଥାନ୍ତି। ଫଳରେ ଚାଷୀ ସେମାନଙ୍କ ପରିଶ୍ରମର ଉଚିତ୍ ମୂଲ୍ୟ ପାଇ ନ ଥାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜିଲାରେ ପଣସର ଉଚିତ ବଜାର ଦର ଧାର୍ଯ୍ୟ କଲେ ପଣସ ଚାଷୀ ଉପକୃତ ହୁଅନ୍ତେ ବୋଲି ମତ ପ୍ରକାଶ ପାଉଛି।

# ପ୍ରତିବାଦ କରିବାରୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ

ଦାରିଙ୍ଗବାଡ଼ି,୨୪।୪(ଅରୁଣ ସାହୁ)

**୨ ଯୁବକଙ୍କ ଉନ୍ମକ୍ତ କାଣ୍ଡ**

ଦାରିଙ୍ଗବାଡ଼ି ଥାନା ଅଞ୍ଚଳ ସିମନବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୨ ଜଣ ଯୁବକ ବାଇକରେ ଆସି ପ୍ରାୟ ୨ ଘଣ୍ଟା ଧରି ଉତ୍ପାତ ଚଳାଇଥିଲେ। ଖବର ପାଇ ଦାରିଙ୍ଗବାଡ଼ି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ସହ ସେମାନଙ୍କୁ ଥାନାକୁ ନେଇଥିବା ଜଣାପଡ଼ିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ଏକ ବାଇକରେ ୨ ଯୁବକ ଆସି ପଞ୍ଚାୟତ କାର୍ଯ୍ୟାଳୟ ନିକଟ ୫୯ ନଂ. ଜାତୀୟ ରାଜପଥ ଉପରେ ସାଧାରଣ ଲୋକଙ୍କ ସହ ଝଗଡ଼ା କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଏହାର ପ୍ରତିବାଦ କରିବାରୁ ନିଶା ଶକ୍ତ ଅବସ୍ଥାରେ ରହିଥିବା ଯୁବକ ଜଣଙ୍କ ପ୍ରତିବାଦ କରୁଥିବା ଯୁବକଙ୍କ ଉପରେ ପେଟ୍ରୋଲ ଢାଳିଥିଲେ। ଦିଆସିଲି କିଣିବାକୁ ଯାଇଥିବା ବେଳେ ସେଠାରେ ଥିବା ପ୍ରତ୍ୟକ୍ଷଦର୍ଶୀ ଉକ୍ତ ଯୁବକଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପେଟ୍ରୋଲରେ ଓଦା ହୋଇଥିବା ଯୁବକଙ୍କୁ ସ୍ଥାନୀୟ ଲୋକ ପାଣି ଢାଳି ଗାଧୋଇ ଦେଇଥିଲେ। ପରେ ତାଙ୍କ ପରିବାର ପହଞ୍ଚି ପେଟ୍ରୋଲରେ ଓଦା ହୋଇଥିବା ଯୁବକଙ୍କୁ ଘରକୁ ନେଇ ସାବୁନରେ ଗାଧୋଇ ସଫା କରିଥିଲେ। କିଛି ସମୟ ପାଇଁ ଘଟଣାକୁ ନେଇ ସିମନବାଡ଼ିରେ ଉତ୍ତେଜନା ଦେଖାଯାଇଥିଲା। ଉପସ୍ଥିତ ଲୋକେ ଉନ୍ମକ୍ତ କାଣ୍ଡ କରୁଥିବା ଯୁବକଙ୍କୁ କାବୁ କରି ନ ଥିଲେ ବଜାରରେ ଏକ ହତ୍ୟା ଭଳି ବଡ଼ ଅଘଟଣ ଘଟିଥାନ୍ତା ବୋଲି ଆଲୋଚନା ହେଉଛି। ପରେ ଦାରିଙ୍ଗବାଡ଼ି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ପାତ ହେଉଥିବା ୨ ଯୁବକଙ୍କୁ ଥାନାକୁ ନେଇଥିବା ଜଣାପଡିଛି। ଏନେଇ ଆଇଆଇସି ସଂଗ୍ରାମ କେଶରୀ ଜେନା ଘଟଣାକୁ ଗୁରୁତର ଭାବେ ନେବା ସହ ୨ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରୁଥିବା କହିଛନ୍ତି।

# ଗଜପତିରୁ ପୋଷ୍ୟସନ୍ତାନ ଗ୍ରହଣ କଲେ ଇଟାଲି ଦମ୍ପତି


ଇଟାଲି ଦମ୍ପତିଙ୍କୁ ଗଜପତି ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିଶୁଦ୍ୱୟଙ୍କୁ ହସ୍ତାନ୍ତର କରୁଛନ୍ତି।

ପାରଳାଖେମୁଣ୍ଡି,୨୪।୪
(ଗିରିଧାରୀ ପରିଚ୍ଛା)

ଅତିରିକ୍ତ ଜିଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନନଗା ଶୁକ୍ରବାର ୨ଜଣ ଶିଶୁକନ୍ୟାଙ୍କୁ ପୋଷ୍ୟ ସନ୍ତାନ ରୂପେ ଏକ ଇଟାଲୀୟ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ୨ ଶିଶୁ ହେଉଛନ୍ତି ଗଜପତି ଜଲାର ୮୨ ଓ ୮୩ ତମ ଶିଶୁ। ୩ ବର୍ଷ ତଳେ ମୋହନା ଅଞ୍ଚଳର ଏହି ଦୁଇ ଶିଶୁଙ୍କ ମା'ବାପା ମରିଯିବା ପରେ ଉଭୟେ ଅସହାୟ ହୋଇପଡିଥିଲେ। ଏନେଇ ସୂଚନା ପାଇ ପ୍ରଶାସନ ସେମାନଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶରେ ହାତୀବାଡିସ୍ଥିତ ଉତ୍କଳ ବାଳାଶ୍ରମ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ରଖିଥିଲା। ସେ ସମୟରେ ୨ ଶିଶୁକନ୍ୟାଙ୍କ ବୟସ ଯଥାକ୍ରମେ ୯ ବର୍ଷ ଓ ୧୧ ବର୍ଷ ହୋଇଥିଲା।। ପରବର୍ତ୍ତୀ ସମୟରେ ଗଜପତି ଶିଶୁ ମଙ୍ଗଳ ସମିତି ଶିଶୁଦ୍ୱୟଙ୍କୁ ଆଇନତଃ ମୁକ୍ତ ଘୋଷଣା କରିବା ପରେ ୨ ଶିଶୁଙ୍କର ସମସ୍ତ ତଥ୍ୟ ମିଶନ ବାତ୍ସଲ୍ୟ ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ୪ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନରେ ଆବେଦନ କରି ଉକ୍ତ ଇଟାଲୀୟ ଦମ୍ପତି ଅପେକ୍ଷା କରିଥିଲେ। କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ମଧ ଏହାକୁ ଅନୁମୋଦନ କରିଥିଲେ। ପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲା ଗଜପତି ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲାପାଳ ହୋନନାଗା ଯାଞ୍ଚ କରିବା ପରେ ଶୁକ୍ରବାର ଶିଶୁଦ୍ୱୟଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଏହି ସମୟରେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅମିୟ ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସୁରକ୍ଷା ଅଧିକାରିଣୀ ଶାରଳା ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀଙ୍କ ସମେତ ଉତ୍କଳ ବାଳାଶ୍ରାମ ଓ ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନନ୍ଦିଗୋର ଗାଁ କମିଟିକୁ ନେଇ ପ୍ରଶାସନର ବୈଠକ

ଧରାକୋଟ,୨୪।୪
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ତହସିଲ ଅଧୀନ ନନ୍ଦିଗୋର ଗ୍ରାମବାସୀ ଋଷିକୁଲ୍ୟା ନଦୀରୁ ବାଲି ଉତ୍ତୋଳନକୁ ବିରୋଧ କରି ଗତ ବୁଧବାର ଧାରଣଶ ଦେଇଥିଲେ। ଏହାର ସମାଧାନ ପାଇଁ ଶୁକ୍ରବାର ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଆବାହକତ୍ୱରେ ତହସିଲ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ଏଥିରେ ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଜିଲା ଖଣି ବିଭାଗ ଅଧିକାରୀ ଅକ୍ଷୟ ସାମଲ, ଧରାକୋଟ ଥାନା ଏଏସଆଇ ଅନିଲ ଶବର, କପିଳାସ ସ୍ୟାଣ୍ଡବେଡ ଲିଜଧାରୀ ଚିରଞ୍ଜିବୀ ଦାସ ଓ ନନ୍ଦିଗୋର ଗାଁ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ୧୦ ଦିନ ଭିତରେ ଗାଁ କମିଟି ଓ ଲିଜଧାରୀଙ୍କ ଉପସ୍ଥିତିରେ ଖଣି ବିଭାଗ ମ୍ୟାପ ଅନୁଯାୟୀ ସୀମା ନିର୍ଦ୍ଧାରଣ କରାଯିବ। ସୀମା ଜଣାପଡ଼ିବା ପରେ ଗାଁ ନିକଟ କେଉଁ ଅଞ୍ଚଳରୁ ବାଲି ଉତ୍ତୋଳନ କରାଯିବ ତାହା ଉଭୟ ପକ୍ଷ ସହମତିରେ ନିଷ୍ପତ୍ତି ନେବେ। ଯାହାକିଛି ସମସ୍ୟା ଉପୁଜିବ ତାହା ଲିଜଧାରୀ ଓ ଗାଁ କମିଟି ବସି ସମାଧାନ କରିବେ ବୈଠକରେ ନିଷ୍ପତ୍ତି ହୋଇଛି।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା


କଳସ ଯାତ୍ରା।

ଗଞ୍ଜାମ,୨୪।୪(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ଠାରେ ଲକ୍ଷ୍ମୀ ନୃସିଂହ ମନ୍ଦିର ପ୍ରତିଷ୍ଠାର ଦ୍ୱାଦଶ ବର୍ଷ ପୂର୍ତ୍ତି ଏବଂ ଶ୍ରୀଗୋପୀନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ମହିଳା ପୁରୁଷ ସାମିଲ ହୋଇ ଦାମୋଦରପୁର ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ନଦୀ ନିକଟରୁ କଳସଯାତ୍ରା କରିଥିଲେ। ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ୨୧ ଠାକୁରଙ୍କ ମହାମିଳନ ଅବସରରେ ହରିହରାତ୍ମକ ଭେଟ ହୁମା ସଲ୍ଟ ପଡିଆ ଠାରେ ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ଦୋଳ ବିମାନରେ ବିଭିନ୍ନ ଗ୍ରାମର ଠାକୁର ମାନଙ୍କୁ ପାଛୋଟି ନିଆଯାଇ ପଡିଆରେ ମିଳନ ହେବା ପରେ ଯଜ୍ଞସ୍ଥଳ ନିକଟରେ ଉପବେଷ୍ଟନ କରାଯାଇଥିଲା। ପଣ୍ଡିତ ଅଶୋକ କୁମାର ଶତପଥୀ ଓ ରାମାଚାର୍ଯ୍ୟ ରାମ ଭଜନ ଦାସଙ୍କ ତତ୍ତ୍ୱାବଧାନରେ ୧୦ ଦିନାତ୍ମକ ଅଠଚାଳିଶି ପ୍ରହର ନାମଯଜ୍ଞ ଅବସରେ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ପାର୍ଶ୍ୱ ଦେବତା ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ରାମଦୋଳି, ମିନା ବଜାର ପଡିଥିବା ବେଳେ ପୋଲିସ ପ୍ରଶାସନ ଓ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ପୋଲିସ ଚଢ଼ାଉ ଭୟରେ ଗଞ୍ଜେଇ ପୋଡ଼ି ନଷ୍ଟ କରିଦେଲେ

ପାରଳାଖେମୁଣ୍ଡି,୨୪।୪
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଆର୍.ଉଦୟଗିରି ଏସଡିପିଓ ରାକେଶ ସାହୁଙ୍କ ନିର୍ଦ୍ଦେଶରେ ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଚଡାଉ କରି ଗଞ୍ଜେଇ ଗଞ୍ଜେଇ ଜବତ କରୁଛି। ଆର୍.ଉଦୟଗିରି ପୋଲିସ ଟିମ ଶୁକ୍ରବାର କିରାମା ପଞ୍ଚାୟତ ପଟାଙ୍ଗିପଦର ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିଲେ। ତେବେ ପୋଲିସ ଟିମ ଦେଖି ଗଞ୍ଜେଇ ଚାଲାଣକାରୀ ଲୁଚାଇ ରଖିଥିବା ଗଞ୍ଜେଇକୁ ପୋଡି ନଷ୍ଟ ଦେଇଛନ୍ତି। ଗଞ୍ଜେଇ ପୋଡା ବାସ୍ନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ କୁଅ ଭିତରେ ଗଞ୍ଜେଇ ରଖାଯାଇଥିବା ସୂରାକ ପାଇ ପାଇ ପୋଲିସ ଏହାକୁ ଜବତ କରିଥିବା ଏସ୍‌ଡିପିଓ ସାହୁ କହିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଗଞ୍ଜେଇ ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାହୁ ପ୍ରକାଶ କରିଛନ୍ତି।

# ପୌର ପରିଷଦକୁ ହସ୍ତାନ୍ତର ହେଲା ବସ୍‌ଷ୍ଟାଣ୍ଡ ପରିଚାଳନା

ଆସିକା,୨୪।୪ (ସୁରେନ୍ଦ୍ର ନାଥ ସାହୁ)

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସିକା ବସଷ୍ଟାଣ୍ଡର ପରିଚାଳନା ଦାୟିତ୍ୱ ଆସିକା ପୌରପରିଷଦକୁ ହସ୍ତାନ୍ତର କରାଯାଇଛି। ଗୁରୁବାର ବିଭାଗୀୟ ପତ୍ର ସଂଖ୍ୟା ୧୧୪୭୫/୨୩-୦୪-୨୦୨୬ରେ ପୂର୍ବରୁ ପରିଚାଳନା ଦାୟିତ୍ୱରେ ଥିବା ଗଞ୍ଜାମ ଆଞ୍ଚଳିକ ଉନ୍ନୟନ ସଂସ୍ଥା (ଗ୍ରୀଟ) ଭଞ୍ଜନଗର ଠାରୁ ଏହି ବସଷ୍ଟାଣ୍ଡର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ଗ୍ରୀଟର ଅଧକ୍ଷ ତଥା ଗଞ୍ଜାମ ଜିଲାପାଳଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର ତଥା ଆର୍ଥିକ ପରିଚାଳନାର ସମ୍ପାଦନ ଉପରେ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ରହିଛି। ପୂର୍ବରୁ ଗ୍ରୀଟର ଭଞ୍ଜନଗର ଦାୟିତ୍ୱରେ ଥିବା ସମ୍ପାଦକଙ୍କ ଦାୟିତ୍ୱ ଆସିକା ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର ଲାଗି ନିର୍ଦ୍ଦେଶନାମା ଜାରି ହୋଇଛି। ଆସିକା ବିଧାୟକ ସରୋଜ କୁମାର ପାଢୀଙ୍କ ଉଦ୍ୟମରେ ଏହି କାର୍ଯ୍ୟ ହୋଇପାରିଥିବା ସୂଚନା ମିଳିଛି। ତେଣୁ ପୌରପରିଷଦର ନିର୍ବାଚିତ ସଦସ୍ୟ ଓ ଅଞ୍ଚଳବାସୀ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ ବସଷ୍ଟାଣ୍ଡ ପରିଚାଳନା ଲାଗି ଏହି ବସଷ୍ଟାଣ୍ଡ ଦେଇ ଯାଉଥିବା ବିଭିନ୍ନ ଯାତ୍ରୀବାହୀ ଯାନବାହାନରୁ ରିତିମତ ଅର୍ଥ ଆଦାୟ ହେଉଥିଲା ବେଳେ ବସଷ୍ଟାଣ୍ଡ ମଧ୍ୟରେ ଥିବା ରାସ୍ତାଘାଟ, ଆଲୋକ, ଶୌଚାଳୟ, ପରିଷ୍କାର ପରିଚ୍ଛନ୍ନତା ଓ ବିଶ୍ରାମାଗାରର ଦୂରାବସ୍ଥା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିଲା। ଦାୟିତ୍ୱ ହସ୍ତାନ୍ତର ପରେ ପୌରପରିଷଦ ପକ୍ଷରୁ ବସଷ୍ଟାଣ୍ଡର ବିଭିନ୍ନ ସମସ୍ୟାର ସମାଧାନ ସାଙ୍ଗକୁ ଯାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇବା ସହ ବସଷ୍ଟାଣ୍ଡର ସୌନ୍ଦର୍ଯ୍ୟକରଣ ଲାଗି ପଦକ୍ଷେପ ନିଆଯିବ ବୋଲି ପୌରପରିଷଦ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ଧାର୍ଯ୍ୟ ସମୟରେ ବସ୍ ପହଞ୍ଚିବାକୁ ଦାବି

ରମ୍ଭା,୨୪।୪ (ବନବାସୀ ସେଠୀ)

ଗମନାଗମନର ବିକାଶ ପାଇଁ ପୂର୍ବତନ ସରକାର ରମ୍ଭା ସହରାଞ୍ଚଳରୁ ଆରମ୍ଭ କରି ଗ୍ରାମାଞ୍ଚଳ ଓ ବ୍ଲକରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ଲକ୍ଷ୍ମୀ ବସ୍ ଚଳାଇଥିଲେ। ଏବେ ମଧ ତାହା ଜାରି ରହିଥିବାରୁ ଏହି ବସ୍‌ରେ ଗନ୍ତବ୍ୟ ସ୍ଥଳକୁ ଯାତ୍ରୀମାନେ ସୁବିଧାରେ ଯାତ୍ରା କରିପାରୁଥିବା ଦେଖିବାକୁ ମିଳୁଛି। ଖଲ୍ଲିକୋଟ ବ୍ଲକରୁ ସାବୁଲିଆ, କନକା ଓ ଡିମ୍ବିରିଆ ପଞ୍ଚାୟତକୁ ୪ଟି ବସ୍ ଯାତାୟତ କରୁଛି। ପ୍ରତେହ ବହୁ ଯାତ୍ରୀ, କଲେଜ ଓ କୋଚିଂ ଯାଉଥିବା ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ସରକାର ମଧ ଛାତ୍ରୀଛାତ୍ରଙ୍କ ପାଇଁ ଲକ୍ଷ୍ମୀବସ୍‌ରେ ବସ୍ ଭଡା ଛାଡ କରିଥିବାରୁ ସେମାନେ ଉପକୃତ ହେଉଛନ୍ତି। ମାତ୍ର କିଛିଦିନ ହେଲା ଲକ୍ଷ୍ମୀ ବସ୍ ଉପରୋକ୍ତ ଅଞ୍ଚଳକୁ ଠିକ ସମୟ ଓ ଧାର୍ଯ୍ୟ ସମୟରେ ଯାତାୟାତ କରୁନାହିଁ। ଫଳରେ ଛାତ୍ରୀଛାତ୍ର ଓ ଯାତ୍ରୀମାନେ ହଇରାଣ ହେଉଛନ୍ତି। ସମସ୍ତଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଉପରୋକ୍ତ ଅଞ୍ଚଳରେ ଠିକ୍ ସମୟ ଓ ଧାର୍ଯ୍ୟ ସମୟରେ ଲକ୍ଷ୍ମୀବସ୍ ଚଳାଚଳ ପାଇଁ ପ୍ରଶାସନ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

# ୪ ମାସରେ ୧୯ ହଜାରରୁ ଉର୍ଦ୍ଧ୍ୱ ସ୍ଥାନରେ ଜଙ୍ଗଲ ନିଆଁ

ଭୁବନେଶ୍ୱର, ୨୪।୪ (ବନ୍ଦନା ସେଠୀ)

**ବ୍ରହ୍ମପୁର ସର୍କଲରେ ସର୍ବାଧିକ**

ରାଜ୍ୟରେ ହୁତୁ ହୁତୁ ଜଳୁଛି ଜଙ୍ଗଲ। କାମ ଦେଉନି ବନ ବିଭାଗର ଫାୟାର ଆକ୍ସନ ପ୍ଲାନ୍। ଜଙ୍ଗଲ ନିଆଁ ରୋକିବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ହେଁ ତାହା ଶତପ୍ରତିଶତ ଫଳପ୍ରଦ ହେଉନାହିଁ। ଫଳରେ ଚଳିତବର୍ଷ ଜାନୁଆରୀ ୧ରୁ ଏପ୍ରିଲ ୨୪ ମଧରେ ରାଜ୍ୟ ବନାଞ୍ଚଳର ୧୯୪୧୨ଟି ସ୍ଥାନରେ ନିଆଁ ଲାଗିଥିବା ସୂଚନା ମିଳିଛି। ତେବେ ୨୦୨୫ରେ ଏହି ସମୟ ମଧରେ ୨୮୦୨୩ଟି ସ୍ଥାନରେ ନିଆଁ ଲାଗିଥିଲା। ଯଦିଓ ଗତବର୍ଷ ତୁଳନାରେ ଏବର୍ଷ କମ୍ ବନାଗ୍ନି ରିପୋର୍ଟ ହୋଇଛି, ତଥାପି ଏତେ ସ୍ଥାନରେ ନିଆଁ ଲାଗିବା ବନ ବିଭାଗର ମୁକାବିଲା ପ୍ରସ୍ତୁତିରେ ବିଫଳତା ବାରିହୋଇପଡୁଛି।

ଓଡ଼ିଶାରେ ସାଧାରଣତଃ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ସମୟକୁ ବନାଗ୍ନି ଋତୁ ବା ଜଙ୍ଗଲ ନିଆଁ ଋତୁ ବୋଲି କୁହାଯାଇଥାଏ। ମାର୍ଚ୍ଚ ଓ ଏପ୍ରିଲରେ ସବୁଠାରୁ ଅଧିକ ନିଆଁ ଲାଗିଥାଏ। ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀରେ ବନାଞ୍ଚଳର ୩୪୩ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ଫେବୃଆରୀରେ ୧୯୬୨, ମାର୍ଚ୍ଚରେ ୧୧୮୫୮ ଏବଂ ଏପ୍ରିଲ ୨୪ ତାରିଖ ସୁଦ୍ଧା ୫୨୪୯ଟି ସ୍ଥାନରେ ନିଆଁ ଲାଗିଛି। ବ୍ରହ୍ମପୁର ସର୍କଲରେ ସର୍ବାଧିକ ୪୬୮୯ଟି ସ୍ଥାନରେ ନିଆଁ ଲାଗିଛି। ଏହା ପଛକୁ ଭବାନୀପାଟଣା ସର୍କଲରେ ୩୭୮୫ଟି ସ୍ଥାନରେ, କୋରାପୁଟ ସର୍କଲରେ ୩୬୭୮, ରାଉରକେଲା ସର୍କଲରେ ୨୫୫୪, ସମ୍ବଲପୁର ସର୍କଲରେ ୧୫୨୭, ଅନୁଗୋଳ ସର୍କଲରେ ୧୨୫୦ ଏବଂ ଭୁବନେଶ୍ୱର ସର୍କଲରେ ୫୪୫ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡିଛି।

୨୦୨୨ରେ ରାଜ୍ୟରେ ୨୮,୭୫୫ଟି ସ୍ଥାନରେ ନିଆଁ ଲାଗିଥିଲା। ସେହିପରି ୨୦୨୩ରେ ୩୬,୭୧୩ଟି ସ୍ଥାନରେ, ୨୦୨୪ରେ ୨୨,୮୬୮ ଏବଂ ୨୦୨୫ରେ ୨୯,୭୦୯ଟି ସ୍ଥାନରେ ବନାଗ୍ନି ଘଟଣା ନଜରକୁ ଆସିଥିଲା। ବନାଗ୍ନିରୁ ବୃକ୍ଷ ସମ୍ପଦ ସହ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ପାଇଁ ବନ ବିଭାଗ ଫାୟାର ଆକ୍ସନ ପ୍ଲାନ, ଫାୟାର ଲାଇନ୍ ସୃଷ୍ଟି ସହ ସଚେତନତା କାର୍ଯ୍ୟକ୍ରମ କରୁଛି। ଜଙ୍ଗଲ ମଧରେ ନିଆଁ ବ୍ୟାପିବାକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କି.ମି. ଧରି ଅଗ୍ନିରୋଧକ ରେଖା (ଫାୟାର ଲାଇନ୍) ସୃଷ୍ଟି କରାଯାଇଛି। ବନାଗ୍ନି ମୁକାବିଲା ପାଇଁ ବୈଷୟିକ କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁକୁ ଚିହ୍ନଟ କରିବା ପାଇଁ ଏଆଇ ସଞ୍ଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି ବୋଲି ବିଭାଗ କହୁଥିବାବେଳେ ଜଙ୍ଗଲ ନିଆଁକୁ ରୋକିବାରେ କାହିଁକି ଅଧିକାରୀ ଓ କର୍ମଚାରୀମାନେ ବିଫଳ ହେଉଛନ୍ତି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କବିସୂର୍ଯ୍ୟ ବଳଦେବ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କବିସୂର୍ଯ୍ୟନଗର,୨୪।୪(କୃପାସିନ୍ଧୁ ସ୍ୱାଇଁ)


କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଉଛି।

କବିସୂର୍ଯ୍ୟ ବଳଦେବ ପବ୍ଲିକ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରତିଷ୍ଠାତା ତଥା ସମ୍ପାଦକ ପୀତବାସ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି କବିସୂର୍ଯ୍ୟନଗର ପୂର୍ବତନ ବ୍ଲକ ଅଧକ୍ଷ ପୀତାମ୍ବର ସେଠୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମୂଳଦୁଆ ମଜଭୁତ ହେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି କହିଥିଲେ। ବିଦ୍ୟାଳୟ ସଭାପତି ସରୋଜ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବି ନାରାୟଣ ବେହେରା, ମାଧବ ଚନ୍ଦ୍ର ମାଝୀ, ରବୀନ୍ଦ୍ର ବିଶ୍ୱାଳ, ଶିକ୍ଷକ ସୀମାଞ୍ଚଳ ପାଣି, ଦିବାକର ଶତପଥୀ, ଆଇନଜୀବୀ ଆଦିତ୍ୟ ତ୍ରିପାଠୀ, ଲାୟନ୍ସ କ୍ଲବ ସଭାପତି ଇଂ.କୃପାସିନ୍ଧୁ ସ୍ୱାଇଁ, ଗଣେଶ ଡାକୁଆ,କୃଷ୍ଣଚନ୍ଦ୍ର ନାହାକ, ଭାଜପାର ପୌରାଞ୍ଚଳ ସଭାପତି ଅଶୋକ କୁମାର ଜେନା, ବିଦ୍ୟାଳୟ ଅଧକ୍ଷା ପ୍ରୀତିପରିମିତା ଦାଶ ମଞ୍ଚାସୀନ ରହିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଶୃଙ୍ଖଳିତ ବୁଢ଼ଖୋଲ ଝରଣା, ପର୍ଯ୍ୟଟକ ନିରାଶ

ବୁଗୁଡ଼ା,୨୪।୪(କାଳୀଚରଣ ଦାଶ)


ଆକର୍ଷଣୀୟ ଝରଣା

ବୁଗୁଡ଼ାର ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲର ଝରଣାରେ ପୂର୍ବ ଭଳି ପାଣି ଆସୁ ନ ଥିବାରୁ ଜଳ ପ୍ରପାତରୁ ଗୋଟିଏ ଧାର ପାଣି ପଡୁଛି। ଅନ୍ୟପଟେ ସ୍ୱିମିଂ ପୁଲରେ ପାଣି ଲିକ୍ ହେଉଥିବାରୁ ତାହାର ପୁନରୁଦ୍ଧାର କାମ ଚାଲିଛି। ଜଳ ପ୍ରପାତ ନା ସ୍ୱିମିଂ ପୁଲ। କେଉଁଠି ବି ପାଣି ନ ଥିବାରୁ ବହୁ ଆଶା ନେଇ ଦୂର ଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ନିରାଶ ହେଉଥିବା ବେଳେ ସ୍ଥାନୀୟ ଲୋକେ ମଧ ଗାଧୋଇବାର ମଜା ଉଠାଇ ପାରୁନାହାନ୍ତି। ତେଣୁ ବୁଦ୍ଧଖୋଲରେ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି। ଫଳରେ ବୁଦ୍ଧଖୋଲରେ ଦୋକାନ ଖୋଲିଥିବା ବେପାରୀଙ୍କୁ ମଧ କ୍ଷତି ସହିବାକୁ ପଡୁଛି। ବୁଦ୍ଧଖୋଲ ପାଦଦେଶରେ ନିର୍ମାଣ ହୋଇଥିବା ଗେଷ୍ଟ ହାଉସ, ବଣଭୋଜି ଓ ଫସଲ ଏବଂ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପାଣିର ବ୍ୟବସ୍ଥା ଲାଗି କିଛି ବର୍ଷ ତଳେ ବୁଦ୍ଧଖୋଲ ମନ୍ଦିର ନିକଟରେ ଝରଣା ପାଣିକୁ ଦୁଇ ଭାଗ କରି ଗୋଟିଏ ଭାଗ ପାଣିକୁ ପାଇପ ଯୋଗେ ବୁଦ୍ଧଖୋଲ ପାଦଦେଶ ପର୍ଯ୍ୟନ୍ତ ଅଣାଯାଇଥିବାରୁ ପ୍ରପାତ ଦେଇ ଆସୁଥିବା ପାଣି କମି ଯାଉଛି ବୋଲି କୁହାଯାଉଛି। ୩ ବର୍ଷ ହେଲା ବର୍ଷରେ ପ୍ରାୟ ୪ମାସ ପ୍ରପାତର ଜଳ ଧାରା କମି ଯାଉଥିବା ବେଳେ ଚଳିତବର୍ଷ ଜଳବାୟୁ ପରିବର୍ତ୍ତନ ହେଉ କିମ୍ବା ଅନ୍ୟ କାରଣ ଯୋଗୁ ବହୁତ କମ ପାଣି ପଡ଼ିବା ଘଟଣା ପରିବେଶବିତଙ୍କୁ ବ୍ୟଥିତ କରିଛି। ତେବେ ପାଦଦେଶରେ ଥିବା ଗେଷ୍ଟ ହାଉସ ଓ ବଣଭୋଜି ପାଇଁ ବୁଦ୍ଧଖୋଲ ଝରଣା ପାଣିକୁ ପାଇପ ଯୋଗେ ତଳକୁ ନ ଆଣି ତଳେ ବିକଳ୍ପ ପାଣି ବ୍ୟବସ୍ଥା ପାଇଁ ବୋରିଂ ଓ ଓଭର ହେଡ୍ ଟ୍ୟାଙ୍କ କରି ପାଇପ ଯୋଗେ ସ୍ୱିମିଂ ପୁଲ ପର୍ଯ୍ୟନ୍ତ ପାଣି ଆସିବା ବ୍ୟବସ୍ଥା ହେଲେ ଲୋକମାନଙ୍କୁ ଗାଧେଇବା ସୁବିଧା ସହ ପର୍ଯ୍ୟଟକମାନେ ସ୍ୱିମିଂ ପୁଲର ମଜା ଉଠାଇ ପାରନ୍ତେ। ବୁଦ୍ଧଖୋଲ ପର୍ଯ୍ୟଟକ କେନ୍ଦ୍ରର ଉନ୍ନୟନ ପାଇଁ କୋଟି କୋଟି ଟଙ୍କା ଆସୁଛି। ତେବେ ଠିକ ପ୍ଲାନିଂ ହିସାବରେ କାର୍ଯ୍ୟ କରାଗଲେ ପାଣି ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏହାର ସମାଧାନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ସଂକ୍ଷେପରେ

### ମା'ନାରାୟଣୀ ପୀଠ ଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ଖଲ୍ଲିକୋଟ,୨୪।୪(ପ୍ରଶାନ୍ତ କୁମାର ମିଶ୍ର)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଗଞ୍ଜାମର ଶକ୍ତିପୀଠ ମା' ନାରାୟଣୀଙ୍କ ଦର୍ଶନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ମା' ନାରାୟଣୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶିଷ କାମନା କରିଥିଲେ। ଏହାସହ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିବା ସହ କାର୍ଯ୍ୟ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଗଞ୍ଜାମ ଜିଲାପାଳ ଓ ପର୍ଯ୍ୟଟନ ସଚିବ ଉପସ୍ଥିତ ଥିଲେ। ତେବେ ପୂର୍ବ ସରକାର ସମୟରେ ନାରାୟଣୀ ମନ୍ଦିରର ପୁନରଉଦ୍ଧାର ପାଇଁ ୫ଟି ମାଧ୍ୟମରେ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଠିକାଦାରଙ୍କ ମନମୁଖୀ କାମ ପାଇଁ ଅଧାପନ୍ତରିଆ ହୋଇ ପଡ଼ି ରହିଛି ମନ୍ଦିର। ତେଣୁ ଏହାର ପୁନରୁଦ୍ଧାର ପାଇଁ ପର୍ଯ୍ୟଟନ ବିଭାଗ ୧୫ କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ଏହାର ସମୀକ୍ଷା କରିଛନ୍ତି।

### ନୂତନ ବିଚାରପତିଙ୍କ ଯୋଗଦାନ

ଆସିକା, ୨୪।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଚାର ବିଭାଗିୟ ଅଲାତରେ କନିଷ୍ଠ ଦେୱାନୀ ବିଚାରପତି ଭାବେ ଇର୍ସିତା କେସରୱାନି ଯୋଗଦାନ କରିଛନ୍ତି। ଶୁକ୍ରବାର ଓକିଲ ସଂଘ ସଭା ଗୃହରେ ନୂତନ ବିଚାରପତି କେସରୱାନିଙ୍କୁ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସଭାପତି ଛବିଳରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଚିତ୍ତରଂଜନ ଦାସ, ଅତିରିକ୍ତ ଜିଲ୍ଲା ଜଜ୍ ମନୋଜ କୁମାର, ଦେୱାନୀ ବିଚାରପତି ସୁକାନ୍ତ କିଶୋର ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏ.ଗିତାଞ୍ଜଳି ନାଇଡୁ, ଜେ.ମୋହିନୀ ପ୍ରମୁଖ ଉପସ୍ଥିତ ଥିଲେ। ନୂତନଭାବେ ଯୋଗଦାନ କରିଥିବା ବିଚାରପତି ଅଦାଲତ ଓ ଆଇନଜୀବୀଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରି ନ୍ୟାୟ ଲାଗି ଆସୁଥିବା ମହକିଲମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ଯଥାସାଧ ଚେଷ୍ଟିତ ହେବେ ବୋଲି ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଓକିଲ ସଂଘର ବରିଷ୍ଠ ସଦସ୍ୟ ରବିନ୍ଦ୍ରନାଥ ଶର୍ମା, ଲଳିତ ମୋହନ ଦାସ, ସୁରେନ୍ଦ୍ରନାଥ ପଣ୍ଡା, ଶରତେନ୍ଦୁ ପଣ୍ଡା, ରବିନ୍ଦ୍ର କୁମାର ପାତ୍ର, ବିଦେଶୀ ନାହାକ, ଶିଶିର ନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

### ମହିଳାଙ୍କୁ ଅସଦାଚରଣ, ଥାନାରେ ଏତଲା

ଦିଗପହଣ୍ଡି,୨୪।୪(ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ ମଳାଭଞ୍ଜା ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଗ୍ରାମର ଦୂର୍ଯ୍ୟ ବେହେରା ଅସଦାଚରଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଶୁକ୍ରବାର ସନ୍ଧ୍ୟାରେ ଶ୍ୱଶୁରଙ୍କ ସହ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ମହିଳା ଜଣକ ଶୁକ୍ରବାର ସକାଳ ପ୍ରାୟ ୧୦ ଟାରେ ଗ୍ରାମର ବାଦୁଆ ପୋଖରୀକୁ ଲୁଗା ସଫା କରିବା ସହ ଗାଧୋଇବା ପାଇଁ ଯାଇଥିବା ବେଳେ ତାଙ୍କୁ ଦୁର୍ଯ୍ୟ ଟଣାଓଟରା କରିଥିଲେ। ସେ ପାଟି କରିବାରୁ ଦୂର୍ଯ୍ୟ ତାଙ୍କୁ ଠେଲି ଦେଇ ତଳେ ପକାଇଦେଥିଲେ। ମହିଳା ଜଣକ ଚିତ୍କାର କରିବାରୁ ସେ ସେଠାରୁ ଦୌଡ଼ି ପଳାଇଥିଲେ। ମହିଳା ଜଣକ ପାଖ ଜମିରେ କାମ କରୁଥିବା ତାଙ୍କ ଶ୍ୱଶୁରଙ୍କୁ ସମସ୍ତ ଘଟଣା ଜଣାଇଥିଲେ ବୋଲି ଏତଲାରେ ଉଲେଖ ରହିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛନ୍ତି।

### ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ଗଞ୍ଜାମ,୨୪।୪ (ଅନାଥ ତରାଇ)

ଗଞ୍ଜାମ ଥାନା ଅନ୍ତର୍ଗତ ନୋଳିଆ ନୂଆଗାଁ ସମୁଦ୍ର ବେଳାଭୂମିରୁ ଶୁକ୍ରବାର ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକେ ବେଳାଭୂମିରେ ଏକ ମୃତଦେହ ପଡ଼ିଥିବାର ଦେଖିବାକୁ ପାଇଥିଲେ। ପରେ ଗଞ୍ଜାମ ପୋଲିସକୁ ଏ ସମ୍ପର୍କରେ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହଟିକୁ ଚିହ୍ନଟ ପାଇଁ ମେଡିକାଲ ସଂରକ୍ଷିତ କରି ରଖାଯାଇଛି। ତଦନ୍ତ ଅଧିକାରୀ ଏସ.ଆଇ ଅନିରୁଦ୍ଧ ସ୍ୱାଇଁ ଏହି ଘଟଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ମହିଳାଙ୍କ ସହ ବିଶ୍ୱାସଘାତ କରିଛନ୍ତି ବିରୋଧୀ



ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ଅନ୍ୟମାନେ।



ମହିଳାମାନେ ପଦଯାତ୍ରାରେ ଯାଉଛନ୍ତି।

ବ୍ରହ୍ମପୁର, ୨୪।୪(ସୁବାସ ଚନ୍ଦ୍ର ପାଢ଼ୀ)

### ଭାଜପା ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା

ବ୍ରହ୍ମପୁରରେ ଭାଜପା ପକ୍ଷରୁ ଶୁକ୍ରବାର ଜନ ଆକ୍ରୋଶ ମହିଳା ପଦଯାତ୍ରା ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ। ପଦଯାତ୍ରା ଗାନ୍ଧିନଗର ଛକ ଦେଇ ପୁରୁଣା ବସଷ୍ଟାଣ୍ଡ ପରେ ଅନ୍ନପୂର୍ଣ୍ଣା ମାର୍କେଟ, ଗିରିଜା ଛକ, ଗୌତମ ସିନେମା ହଲ ମୁଖ୍ୟ ରାସ୍ତା ଦେଇ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ଼ରେ ପହଞ୍ଚିଥିଲା। ଏହି ଅବସରରେ ସେଠାରେ ଅନୁଷ୍ଠିତ ଏକ ସଧାରଣ ସଭାରେ ଉପମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ ଯେ, ଗତ ୧୬ ଓ ୧୭ ତାରିଖ ସଂସଦର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମହିଳା ସଂରକ୍ଷଣ ବିଧେୟକକୁ ବିରୋଧ କରାଯାଇଥିଲା। ଫଳରେ ବିଲ୍‌ଟି କାଟ ଖାଇଯାଇଥିଲା। ବିରୋଧୀ କଂଗ୍ରେସ, ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ, ଡିଏମକେ ଦଳ ଏହି ବିଲ୍‌କୁ ବିରୋଧ କରି ମହିଳାଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ଉକ୍ତ ବିଲ୍‌ର କେବଳ ପରାଜୟ ନୁହଁ ବରଂ ୭୦ କୋଟି ନାରୀଙ୍କ ସ୍ୱପ୍ନ ଓ ଅଧିକାର ଉପରେ ଆଘାତ ଲାଗିଛି। ନାରୀ ଶକ୍ତି ଅପମାନ ସହିବ ନାହିଁ। ତେଣୁ ଗଞ୍ଜାମ ଜିଲାରୁ ମହିଳା ଜନ ଆକ୍ରୋଶ ପଦଯାତ୍ରା ଆରମ୍ଭ ହୋଇଛି। ଏହି ସମ୍ମିଳନୀ ମହିଳା ଶକ୍ତିକୁ ଜାଗ୍ରତ କରିବ ଏଥିରେ ସନ୍ଦେହ ନାହିଁ। ନବୀନ ବାବୁ ହୁଅନ୍ତୁ କି ସମାଜବାଦୀ ପାର୍ଟି ହେଉ ଜନ ଆକ୍ରୋଶ ମହିଳା ସମ୍ମିଳନୀ ଗଞ୍ଜାମ ଜିଲାରୁ ଆରମ୍ଭ ହୋଇଛି। ପାର୍ଲିଆମେଣ୍ଟରେ ଆମେ ନିଷ୍ପତ୍ତି କରିଛୁ ଯେଉଁମାନେ ସଂରକ୍ଷଣ ବିରୋଧରେ ଭୋଟ ଦେଲେ ମହିଳାଙ୍କୁ ଜାଗ୍ରତ କରି ସେହିମାନଙ୍କ ବିରୋଧରେ ଯିବୁ। ଗାଁ ରାସ୍ତାରେ ମହିଳାମାନେ ତାଙ୍କୁ ବିରୋଧ କରିବେ। ପ୍ରଶ୍ନ ପଚାରିବେ ଯେ, ଆମେ ଆଉ ଚୁପ ବସିବୁ ନାହିଁ। ଗାଁର ମହିଳାମାନେ ପାର୍ଲିଆମେଣ୍ଟ ଗଲେ ତୁମକୁ ଡର କାହିଁକି? ସାଧାରଣ ଘରର ମହିଳା ନେତା ହୋଇଯିବେ। ଲ ମେକିଂରେ ଆସିଯିବ। ଏତିକି ପ୍ରଶ୍ନ ପଚାରିବା ପାଇଁ ମହିଳାଙ୍କୁ ଜାଗ୍ରତ କରିବାକୁ ଏହି ପଦଯାତ୍ରାର ଉଦ୍ଦେଶ୍ୟ। ମୁଁ ଭାବୁଛି ଗଞ୍ଜାମ ଜିଲାର ନାରୀ ଶକ୍ତି, ଯେଉଁମାନେ ଯେଉଁ ରୂପରେ ଥାଆନ୍ତୁ ନା କାହିଁକି। ଆମେ ସମସ୍ତେ ଏକଜୁଟ ହେବା। ଯେ ପର୍ଯ୍ୟନ୍ତ ଆମକୁ ଅଧିକାର ମିଳିନି ସେ ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ। ବିଜେଡି ୫ ମହିଳାଙ୍କୁ ଦେଇଥିଲେ। ସେମାନେ ସମସ୍ତେ ପରିବାର ସଦସ୍ୟଥିଲେ। ନବୀନ ବାବୁ ଯଦି ଏତେ ଉଦାର ନେତା, ପାର୍ଲିଆମେଣ୍ଟରେ ତାଙ୍କର କେହି ଲୋକ ନାହାନ୍ତି। ସମସ୍ତଙ୍କୁ ଚିଠି ଦେଇ ବିରୋଧ କର ବୋଲି କହିବାର ମାନସିକତା ଏହା ମହିଳାଙ୍କୁ ସୁଯୋଗ ଦେବାର। ମହିଳା ତା'ର ବଳରେ ଅଧିକାର ମାଗୁଛି। ଆମେ ୪୬ ପ୍ରତିଶତ ଭୋଟ ଦେଉଛୁ। ଦୟା ନୁହେଁ, ଅଧିକାର ମାଗିବାକୁ ଗଲୁ। ପାର୍ଲିଆମେଣ୍ଟରେ କିଛି ନଥାଇ ବିରୋଧ କରିବା ନିନ୍ଦନୀୟ। ବିଜୁ ବାବୁ ମହିଳାଙ୍କ ପାଇଁ ବହୁତ କିଛି କରିଛନ୍ତି। ନବୀନ ବାବୁ ମହିଳାଙ୍କ ପାଇଁ କିଛି କଲେନି ବୋଲି କହିବାରେ ଦ୍ୱିଧା ନାହିଁ। ମହିଳାଙ୍କ ପ୍ରତି ଏଭଳି ବିଶ୍ୱାସଘାତକା ଆଉ ସହି ହେବ ନାହିଁ ବୋଲି ସେ କହିଥିଲେ। ସେହିପରି ଜିଲାର ବିକାଶ କଥା ପଚାରିବାରୁ ସେ କହିଲେ ଯେ, ଗଞ୍ଜାମ ଜିଲାର ମିଶନ ଶକ୍ତି, ପର୍ଯ୍ୟଟନ, ଅଙ୍ଗନୱାଡି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଛି। ଯେଉଁ ଲକ୍ଷ୍ୟଧାର୍ଯ୍ୟ ଦିଆଯାଇଛି ତାହା ଜୁଲାଇ ସୁଦ୍ଧା ଲୋକଙ୍କୁ ମିଳିବ। ଉକ୍ତ କାର୍ଯ୍ୟକ୍ରମରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଯୋଗଦେଇ ଅନୁରୂପ କଥା କହିଥିଲେ। ଏଥି ସହିତ ଅନ୍ୟାନ୍ୟ ନାରୀ ନେତ୍ରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ଓ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ, ପ୍ରମାଣ ଅଭାବରୁ ଅଭିଯୁକ୍ତ ଦୋଷମୁକ୍ତ

ବ୍ରହ୍ମପୁର ୨୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚାରଣ ମାମଲାର ଶୁଣାଣି କରି ଫାଷ୍ଟଟ୍ରାକ ପୋକସୋ ଜଜ ରୋହିତ ଲାଲ ପଣ୍ଡା ପ୍ରମାଣ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ସେ ହେଲେ ପୁରୁଷୋତ୍ତମପୁର ଥାନା ବାଘଳା ଗ୍ରାମର ଜଗନ୍ନାଥ ପ୍ରଧାନ(୨୯)। ଉକ୍ତ ଥାନା ଅଞ୍ଚଳର ଜଣେ ୧୦'ମ ଶ୍ରେଣୀ ଛାତ୍ରୀ ୨୦୨୨ ଏପ୍ରିଲ ୧୬ ରେ ନିକଟସ୍ଥ ଏକ ସ୍କୁଲକୁ ପରୀକ୍ଷା ଦେବାକୁ ଯାଇଥିଲେ। ପରୀକ୍ଷା ସରିବା ପରେ ସେ ତାଙ୍କ ବାପାଙ୍କୁ ସେଠାରେ ଅପେକ୍ଷା କରିଥିଲେ। ସ୍କୁଲ ନିକଟରେ ଜଣେ ଯୁବକ ତାଙ୍କୁ ଅଟକାଇ ଅସଦାଚାରଣ କରିଥିଲେ। ତାଙ୍କୁ ବିବାହ କରିବାକୁ ସେ ବାଧ କରିଥିଲେ। ନଚେତ ଏସିଡ଼ ପକାଇ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସର୍ବସାଧାରଣରେ ଛାତ୍ରୀଙ୍କ ମର୍ଯ୍ୟାଦା ହାନି ଘଟିଥିବା ସହ ତାଙ୍କୁ ଅସଦାଚାରଣ କରିଥିବା ନେଇ ପିଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ନଂ. ୨୨୮/୨୨ ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥଲା। କିଛିମାସ ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣା ବେଳେ ୮ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଦ୍ଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସିର ଧାରଣା


ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କ ଧାରଣା।

ବ୍ରହ୍ମପୁର,୨୪।୪(ଅଶୋକ କୁମାର ସାହୁ)

ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସି ଶ୍ରମ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଛି। ଏନେଇ ଶ୍ରମ କମିଶନରଙ୍କୁ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଜରିଆରେ ଏକ ଦାବିପତ୍ର ଦିଆଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଶ୍ରମ କାର୍ଯ୍ୟାଳୟରେ ସ୍ଥାୟୀ ଶ୍ରମ ଅଧିକାରୀ ନିଯୁକ୍ତି ହୋଇନାହାନ୍ତି। ଛତ୍ରପୁର ଶ୍ରମ କାର୍ଯାଳୟରେ ଜଣେ ଶ୍ରମ ଅଧିକାରୀ ନିଯୁକ୍ତି ପାଇଁ ଦାବି ହୋଇଛି। ସହାୟତା ରାଶି ପ୍ରଦାନରେ ଯେଉଁ ଅନିୟମିତତା କରାଯାଉଛି ତାହାକୁ ବନ୍ଦ କରାଯାଉ। ୨୦୨୦-୨୧ରୁ ହିତାଧିକାରୀଙ୍କ ଆରଟିଜିଏସ ଅର୍ଥକୁ ତୁରନ୍ତ ମଂଜୁରୀ କରିବା, ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ସହାୟତା ରାଶି ପ୍ରଦାନରେ ମଙ୍ଗଳ ଅଧିକାରୀଙ୍କୁ ବାଦ ଦେଇ ତୁରନ୍ତ ସହାୟତା ରାଶିପ୍ରଦାନ, ଏମସିଏ ସେଲ୍ଫ ଫାଇନାନ୍‌ସିଂ କୋର୍ସ (ସରକାରୀ) ଶିକ୍ଷା ସହାୟତା ରାଶି ତୁରନ୍ତ ପ୍ରଦାନ କରିବା, ନିର୍ମାଣ ଶ୍ରମିକଙ୍କ କାର୍ଡ ନବୀକରଣ ଅଗ୍ରାଧିକାର ଭିତ୍ତିରେ କରିବା, ପ୍ରୋଫାଇଲ ଚେଞ୍ଜ ଅଗ୍ରାଧିକାରୀ ଭିତ୍ତିରେ କରିବା, ନିର୍ମାଣ ଶ୍ରମିକଙ୍କୁ ସେବା ଯୋଗାଇବା ନାମରେ ଅଫିସକୁ ଆସି ହନ୍ତସନ୍ତ କରିବା ବନ୍ଦ କରିବା ଓ ମୃତ୍ୟୁ କ୍ଷେତ୍ରରେ ନିର୍ମାଣ ଶ୍ରମିକ ନବୀକରଣ ଲେବର ଅଫିସର ଅବହେଳା ଯୋଗୁ ପୁନଃ ଏପ୍ରୁଭାଲ୍ ନ ହୋଇଥିବା ବେଳେ ସହାୟତା ରାଶି ପାଇବା ପାଇଁ ବୋର୍ଡ ରେଜୁଲେସନ ସର୍କୁଲାର ତୁରନ୍ତ ବନ୍ଦ କରିବାକୁ ଦାବି ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜଙ୍ଗଲ, କାଠ, କୃଷି ଏବଂ କୋଠା ନିର୍ମାଣ ଶ୍ରମିକ ୟୁନିୟନର ଜିଲା ସଭାପତି ପ୍ରବୀଣ କୁମାର ଦାସ, ପ୍ରଦୀପ ସେଠୀ, କାମଦେବ ନାହାକ, ସହାଜାହାନ, ମହେନ୍ଦ୍ର ସେଠୀ, ପ୍ରଫୁଲ୍ଲ ଜେନାଙ୍କ ସମେତ ଅନ୍ୟାନ୍ୟ ଶ୍ରମିକ ଯୋଗଦେଇଥିଲେ।

# ହୋହଲ୍ଲାରେ ବିଇଏମସି ବଜେଟ ଅଧିବେଶନ ଶେଷ

ବ୍ରହ୍ମପୁର,୨୪।୪(ଅଶୋକ କୁମାର ସାହୁ)

ବ୍ରହ୍ମପୁର ମହାନଗର ନିଗମର ୨୦୨୬-୨୭ ବର୍ଷର ବଜେଟ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଥିବା ଏହି ଅଧିବେଶନରେ ବିଭିନ୍ନ ଆୟବ୍ୟୟ ହିସାବରେ ଆଲୋଚନା ହୋଇଥିଲା। ୬୯୭.୩୨ କୋଟି ଟଙ୍କାର ବଜେଟ ଆକଳନ କରାଯାଇଛି। ବିଶେଷ କରି ସହରର ଭିତ୍ତିଭୂମିର ବିକାଶ ଓ ଲୋକେ କ'ଣ ଚାହୁଁଛନ୍ତି ତାକୁ ନେଇ ପ୍ରସ୍ତୁତ ହୋଇଛି ବଜେଟ୍। ରାସ୍ତାଘାଟ ଓ ନାଳନର୍ଦ୍ଦମାର ପୁନରୁଦ୍ଧାର, ଗିରିମାର୍କେଟ, ସର୍ବସାଧାରଣ ଟଇଲେଟ, ଭେଣ୍ଡିଜୋନ, ମାର୍କେଟ ପ୍ଲେସ, ଅଙ୍ଗନୱାଡି କେନ୍ଦ୍ର କ୍ରୀଡା ଭିତ୍ତିଭୂମିର ବିକାଶ, ସହରର ସୌନ୍ଦର୍ଯ୍ୟକରଣ, ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ହାଉସିଂ ପ୍ରୋଜେକ୍ଟ, ଇଭି ଚାର୍ଜିଂ ଷ୍ଟେଶନ, ପରିମଳ ବ୍ୟବସ୍ଥାକୁ ସୁଧାରିବା ବ୍ୟବସ୍ଥା ଏହି ବଜେଟରେ ସ୍ଥାନ ପାଇଛି। ବଜେଟ ଉପସ୍ଥାପନ ବେଳେ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ କହିଲେ ଯେ, ପ୍ରଥମେ ୨୦୨୫-୨୬ ବଜେଟରେ କେତେ ଅର୍ଥ କେଉଁଠୁ ମଂଜୁର ହୋଇଥିଲା। କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଥିଲା ତାହା ଉପସ୍ଥାପନ କରିବା ଦରକାର। ଗତ ବଜେଟରେ ଆସିଥିବା ଅର୍ଥ ଆଜି ପର୍ଯ୍ୟନ୍ତ ଖର୍ଚ୍ଚ ହୋଇନାହିଁ। ବଜେଟରେ ଆସିଥିବା ଅର୍ଥ ଟେଣ୍ଡର କରିପାରିନାହାନ୍ତି।


ବୈଠକରେ ମେୟରଙ୍କ ଓ କମିଶନରଙ୍କ ସହ ଅନ୍ୟମାନେ।

- ମହିଳାଙ୍କ ପାଇଁ ବଜେଟରେ କୌଣସି ସୁବିଧା ନାହିଁ
- ଗତବର୍ଷର ହିସାବ ନଦେଇ ଚଳିତବର୍ଷ ବଜେଟ କରିବା ମୂଲ୍ୟହୀନ
- ଟେଣ୍ଡର ହୋଇ ସାରିଥିଲେ ବି କାର୍ଯ୍ୟାଦେଶ ନାହିଁ

ଏନେଇ ଲେଖିକି ପଠାଇବା ନା ସହରର ଭିତ୍ତିଭୂମିର ବିକାଶ ହେବ ବୋଲି ପ୍ରଶ୍ନ କରିଥିଲେ। ଏନେଇ ମେୟର ସଂଘମିତ୍ରା ଦଳେଇ କ୍ଷୋଭ ପ୍ରକାଶ କରିବା ପରେ ସେ କହିଲେ ଯେ, ମେୟର ଯଦି କ୍ଷୋଭ ପ୍ରକାଶ କରୁଛନ୍ତି ତାଙ୍କ ପଛରେ ଆମେ ଅଛୁ। ବର୍ତ୍ତମାନ ମନ୍ତ୍ରୀ, ଏମପି ଓ ଏମଏଲଏଙ୍କ ପ୍ରତିନିଧିମାନେ ବସିଛନ୍ତି। ଗତବର୍ଷର ବଜେଟର ସୁଫଳ ମିଳିଲାନି। ବର୍ତ୍ତମାନ ବଜେଟ ଅଧିବେଶନ ମୂଲ୍ୟହୀନ ବୋଲି ସେ କହିଥିଲେ। ବଜେଟ ଅଧିବେଶନଟା ସେଭଳି ହେଉ ନଚେତ ଉପେକ୍ଷା କରନ୍ତୁ ବୋଲି ମେୟରଙ୍କୁ କହିଥିଲେ। ଏହାକୁ ନେଇ ସମସ୍ତ କର୍ପୋରେଟର ସମର୍ଥନ କରିଥିଲେ। ଫଳରେ ହୋହଲ୍ଲା ହୋଇଥିଲା। ଏ ସଂକ୍ରାନ୍ତରେ କର୍ପୋରେଟର ସମୀର ମିଶ୍ର କହିଥିଲେ ଯେ, ଅନେକ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିଲେ ବି କାର୍ଯ୍ୟାଦେଶ ଦିଆଯାଇପାରିନାହିଁ କାହିଁକି ବୋଲି ପଚାରିଥିଲେ। ମେୟର ଷ୍ଟାଫ ଅଭାବକୁ ଦ୍ୱାହି ଦେଇ କ୍ଷୋଭ ପ୍ରକାଶ କରିଥିଲେ। କିନ୍ତୁ ସମ୍ପୃକ୍ତ ଯନ୍ତ୍ରୀ ଯେତେଶୀଘ୍ର ହେବ ତାହାର ସମାଧାନ ହୋଇଯିବ ବୋଲି କହିଥିଲେ। ଏ ସଂକ୍ରାନ୍ତରେ କର୍ପୋରେଟର ସୁରେନ୍ଦ୍ର ମହାରଣା କହିଥିଲେ ଯେ, ଉକ୍ତ ବଜେଟରେ ମହିଳାଙ୍କ ପାଇଁ କୌଣସି ଅର୍ଥ ବରାଦ କରାଯାଇନାହିଁ। ମହିଳାଙ୍କ ପାଇଁ ସରକାର ଗୁରୁତ୍ୱ ଦେଉଥିବାବେଳେ ଏହି ବଜେଟରେ ସ୍ଥାନ ନଦେବା ଦୁର୍ଭାଗ୍ୟଜନକ। ଏମପି, ଏମଏଲଏ ଓ ମନ୍ତ୍ରୀଙ୍କ ପ୍ରତିନିଧି ବସିଛନ୍ତି। ସମସ୍ତେ କହୁଛନ୍ତି ଯେ ଅର୍ଥର ଅଭାବ ନାହିଁ। ଅମୃତ ଭାରତ ଯୋଜନାରେ ସହରର ସମସ୍ତ ପୋଖରୀ ନିର୍ମାଣ ହେଲା। ଏଯାଏଁ ପାହାଚ ନିର୍ମାଣ ହୋଇନାହିଁ। ତେଣୁ ଏ ବଜେଟ ମୂଲ୍ୟହୀନ ବୋଲି କହିଥିଲେ। ଏନେଇ କର୍ପୋରେଟର ପ୍ରଦୀପ ଶତପଥୀ କହିଥିଲେ ଯେ, ବର୍ତ୍ତମାନ ୧୮ କର୍ମଚାରୀଙ୍କୁ ବଦଳି କରି ଦିଆଯାଇଛି। ଏଭଳି ଲାଗି ରହିଲେ କର୍ପୋରେସନ ପଙ୍ଗୁ ହୋଇଯିବ। ଟ୍ୟାକ୍ସ ଉପରେ କିଛି କର୍ପୋରେଟର ପ୍ରଶ୍ନ କରିବାରୁ କମିଶନର ଏ.ଶସ୍ୟା ରେଡ୍ଡି କହିଥିଲେ ଯେ, ବର୍ତ୍ତମାନ ଷ୍ଟଲ ଉପରେ ଗୁରୁତ୍ୱ ଦିଆଯାଇଛି। ଗତ ୧୦ ତାରିଖରୁ ୨୪ ତରିଖ ଭିତରେ ପ୍ରାୟ ୫୦ ଲକ୍ଷ ୮୬୮ ଟଙ୍କା ଭଡା ଅସୁଲ କରାଯାଇଛି। ମେ ୧ ତାରିଖରୁ ହୋଲଡିଂ ଟ୍ୟାକ୍ସ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କମିଶନର ଆଶୀର୍ବାଦ ପରିଡା, କଲ୍ୟାଣ ସଂଘମିତ୍ରା ଦେବୀ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ସମ୍ପୃକ୍ତ ବିଭାଗର ଯନ୍ତ୍ରୀ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ।

## ଗ୍ୟାସ୍ ଯୋଗାଣରେ ଅନିୟମିତତା, ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ


ବଣିକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ବେଲଗୁଣ୍ଠା,୨୪।୪ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ସହର ଓ ଆଖପାଖ ଅଞ୍ଚଳରେ ଗ୍ୟାସ୍ ବିତରଣରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ଶୁକ୍ରବାର ବେଲଗୁଣ୍ଠା ବଣିକ ସଂଘ ପକ୍ଷରୁ ଭଞ୍ଜନଗର ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବେଲଗୁଣ୍ଠାର ଗ୍ୟାସ୍ ଗ୍ରାହକମାନେ ଠିକ୍ ସମୟରେ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହ କେତେକ ସଙ୍ଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଗ୍ରାହକମାନେ ନ ଜାଣି ମଧ୍ୟ ସେମାନଙ୍କ ନାମରେ ଗ୍ୟାସ୍ ବୁକ୍ ହୋଇଯାଉଛି। ଫଳରେ ଗ୍ରାହକଙ୍କୁ ପ୍ରକୃତରେ ଯେତେବେଳେ ଗ୍ୟାସ୍ ଆବଶ୍ୟକ ହେଉଛି, ସେତେବେଳେ ସେମାନେ ଆଉ ବୁକିଂ କରିପାରୁନାହାନ୍ତି। କମର୍ସିଆଲ୍ ଗ୍ୟାସ୍ ସିଲିଣ୍ଡର ମିଳିବାରେ ଅସୁବିଧା ଯୋଗୁ ଅଞ୍ଚଳର ବହୁ ହୋଟେଲ, ମିଠା ଦୋକାନ ଓ ଜଳଖିଆ ଦୋକାନ ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ବ୍ୟବସାୟୀଙ୍କ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି କରୁଛି। ବଣିକ ସଂଘ ପକ୍ଷରୁ ସଭାପତି ସନ୍ତ କୁମାର ସୁବୁଦ୍ଧି ଜଣାଇଛନ୍ତି ଯେ, ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରା ନଯାଏ, ତେବେ ଆଗାମୀ ଦିନରେ ବେଲଗୁଣ୍ଠାର ସମସ୍ତ ଉପଭୋକ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବଣିକ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ। ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ରଚିତା ମହାପାତ୍ରଙ୍କୁ ସ୍ମାରକ ପତ୍ର ପ୍ରଧାନ କରିଥିଲେ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୨୪।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସହର ଦେଇ ଯାଇଥିବା ଲୋହରାଖଣ୍ଡି ନଦୀରୁ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଭଞ୍ଜନଗର ସହର ରେଡକ୍ରସ ରୋଡ଼ ବାସିନ୍ଦା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇ ଦେଇଛି।

ପ୍ରକାଶ ଯେ, କୃଷ୍ଣ ଚନ୍ଦ୍ର ଗୁରୁବାର ରାତିରେ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଶୁକ୍ରବାର ସକାଳୁ ମାଳସାହି ନିକଟ ଲୋହରାଖଣ୍ଡି ନଦୀରେ ତାଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ପରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ନଦୀରେ ପାଣି ଅଧିକ ଥିବା ଯୋଗୁ ସେଥିରେ ବୁଡ଼ି ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

## ବିଡିଓଙ୍କ ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର କଲେ ଜନ ପ୍ରତିନିଧି

ଚିକିଟି,୨୪।୪(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ଓ ଅର୍ଥ ହେରଫେର କରାଯାଉଥିବା ଅଭିଯୋଗ କରି ୫ ଦିନ ଧରି ଅଞ୍ଚଳର ଜନ ପ୍ରତିନିଧିମାନେ ଧାରଣା ଧାରଣା ଦେଇଥିଲେ। ଶୁକ୍ରବାର ଜିଲାପାଳଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ବିଡିଓ ଲିଖିତ ପ୍ରତିଶ୍ରୁତି ଦେବା ପରେ ଜନପ୍ରତିନିଧିମାନେ ଧାରଣା ପ୍ରତ୍ୟାହାର କରିଛନ୍ତି। ଗୁରୁବାର ଧାରଣାର ୪ର୍ଥ ଦିବସରେ ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର ଘଟଣା ସ୍ଥଳରେ ପହଞ୍ଚି ବ୍ଲକ ଅଧ୍ୟକ୍ଷଙ୍କ ସମେତ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଧାରଣା ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ଜନପ୍ରତିନିଧିମାନେ ଲିଖିତ ପ୍ରତିଶ୍ରୁତି ଦେବାକୁ ଜିଦ୍ ଧରି ବସିଥିଲେ ।

ଶୁକ୍ରବାର ଉପଜିଲାପାଳଙ୍କ ଅନୁରୋଧ ରକ୍ଷା କରି ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ଚିନ୍ମୟ ନନ୍ଦ ଶ୍ରୀରୂପ ଦେଓ, ବ୍ଲକ ବିଜେଡି ସଭାପତି ହାରମ୍ଭ ରେଡ୍ଡୀ , ବିଜେଡି ଯୁବ ନେତା ସୁରେନ୍ଦ୍ର ମଣ୍ଡଳ, ଜିଲା ସରପଞ୍ଚ ସଂଘ ଉପ ସଭାପତି କିଶୋର ପଣ୍ଡା, ପିତାତଳି ସରପଞ୍ଚ ଏ. ରାଙ୍ଗାରାଓ ଜିଲାପାଳଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିଲେ। ପରେ ଜିଲାପାଳ ଚିକିଟି ବିଡ଼ିଓ ବିବେକାନନ୍ଦ ମିଶ୍ରଙ୍କୁ ଡକାଇ ଥିଲେ। ବର୍ତ୍ତମାନ ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଭିନ୍ନ ଯୋଜନାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ବନ୍ଦ କରି ୭ ଦିନ ମଧ୍ୟରେ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ମିଶ୍ର ଲିଖିତ ପ୍ରତିଶ୍ରୁତି ଦେବା ପରେ ଜନ ପ୍ରତିନିଧିମାନେ ଧାରଣା ପ୍ରତ୍ୟାହୃତ କରିଥିଲେ । ସୂଚନା ଯୋଗ୍ୟ, ଦୀର୍ଘ ଦିନ ଧରି ଚିକିଟି ବ୍ଲକର ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ସରକାରୀ ଯୋଜନାରେ ହେଉଥିବା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିଲା। ଏନେଇ ଜନ ଅଞ୍ଚଳର ପ୍ରତିନିଧିମାନେ ଗତ ୧୬ ତାରିଖରେ ବ୍ଲକ, ତହସିଲ ଓ ଜିଲା ପ୍ରଶାସନକୁ ଜଣାଇ ଏହାର ତଦନ୍ତ ଦାବି କରିଥିଲେ। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଜନ ପ୍ରତିନିଧିମାନେ ଗତ ୨୦ ତାରିଖରୁ ଗଣ ଧାରଣା ଦେଇଥିଲେ।

## ଶ୍ରୀସିଦ୍ଧି ବିନାୟକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦିଗପହଣ୍ଡି,୨୪।୪(ଅଶେଷ ନାଥ ମିଶ୍ର)



ଅତିଥିଦ୍ୱୟ ଚାମ୍ପିୟନ ଟିମ କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଦିଗପହଣ୍ଡି ବ୍ଲକ୍ କୁଶପଡାଠାରେ ଚାଲିଥିବା ଶ୍ରୀସିଦ୍ଧି ବିନାୟକ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଛି। ଫାଇନାଲରେ ମହାମାୟୀ ଟିମ ପ୍ରଥମେ ବ୍ୟାଟିଂ କରି ୮୬ ରନ କରିଥିଲା। ବଜରଙ୍ଗୀ ଟିମ ମାତ୍ର ୫୦ ରନ ହାସଲ କରି ପରାଜିତ ହୋଇଥିଲା। ମହାମାୟୀ ଟିମକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ଉଦଯାପନୀରେ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ.ନିରଞ୍ଜନ ରେଡ୍ଡୀ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ଏସ.ଗାନ୍ଧୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ କରିଥିଲେ। ଅତିଥି ଦ୍ୱୟ ଚାମ୍ପିୟନ ଟିମକୁ ୧୬ ହଜାର ଏବଂ ରନର୍ସଅପ ଟିମକୁ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅକ୍ଷୟ ସାହୁ ଓ ଚନ୍ଦନ ଦୋରା ଫାଇନାଲ ମ୍ୟାଚରେ ଅମ୍ପାୟରିଂ କରିଥିବା ବେଳେ ଅଶ୍ୱିନୀ ସାହୁ , ସୀମା ଦୋରା, ରବି ଦୋରା, କିରଣ ବିଷୋୟୀ, ଜିତେନ ଦୋରା ପ୍ରମୁଖ ପରିଚାଳନା କରିଥିଲେ।

